



ଅଦିନିଆ ବର୍ଷାରେ ସିନାପାଲି ସହରର ଅବସ୍ଥା ବେହାଲ

## ପର୍ଯ୍ୟଟନସ୍ଥଳ ଡୋକରୀ ଚଞ୍ଚରା ବିବାଦ ଘଟଣା

# କମିଟି ସହ ପ୍ରଶାସନର ଆଲୋଚନା;ବାହାରିଲାନି ନିଷ୍କର୍ଷ

- ଜିଦରେ ଅଟଳ ଉଭୟ ପରିଚାଳନା କମିଟି
- ରାମ ନବମୀ ପୂଜାକାର୍ଯ୍ୟ ତୁଲାଇବ ପ୍ରଶାସନ

କୋକସରା, ୧୭ ।୩(ସମିସ)

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଖଲିଗଡ଼ ସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ରହିଛି କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରା। ତେବେ ଏହି ପର୍ଯ୍ୟଟନସ୍ଥଳୀ ପରିଚାଳନାକୁ ନେଇ ଗତ ରାମନବମୀ ମହୋତ୍ସବ ପୂର୍ବରୁ ଅନେକ ବାଦ୍ ବିବାଦ ଦେଖାଦେଇଛି। ଏମିତି କି ଦୁଇ କମିଟି ମଧ୍ୟରେ ଉପୁଜିଥିବା ବିବାଦ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇ ବର୍ତ୍ତମାନ ବିଚାରାଧୀନ ରହିଛି। ତେବେ ଏହି ବିବାଦ ଘଟଣାକୁ ନେଇ ପ୍ରଶାସନ ଦ୍ୱିତୀୟ ଥର ପାଇଁ ଉଭୟ କମିଟି ସହ ଆଲୋଚନା କରିଛି। ହେଲେ କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ପୂର୍ବରୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଡୋକରୀ ଚଞ୍ଚରା ପର୍ଯ୍ୟଟନସ୍ଥଳୀକୁ ପରିଚାଳନା କରିବା ସହ ବିଭିନ୍ନ ଯାନିଯାତ୍ରା କରି ଆସୁଥିଲା। ବିବାଦ ଦେଖାଦେବା ପରଠାରୁ ବନ ବିଭାଗ ଦ୍ୱାରା ଗଠିତ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ବର୍ଷେରୁ ଉର୍ଦ୍ଧ୍ୱ ହେବ ଗତ ରାମନବମୀ ଓ ଗୁଡହାଣ୍ଡି ମହୋତ୍ସବ ସମୟରୁ ବିଭିନ୍ନ ଯାନିଯାତ୍ରା କରି ଆସୁଛି। ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଉଭୟ କମିଟିର ବାଦ୍ ବିବାଦ ଲାଗି ରହିଛି। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଗତ ବର୍ଷ କୋକସରା ବ୍ଲକ ସଭାଗୃହଠାରେ ପ୍ରଶାସନ ସହିତ ଦୁଇ କମିଟି ଡୋକରୀ ଚଞ୍ଚରା ଉନ୍ନୟନ ସମିତି ଓ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି (ଇଟିଜି) ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଭାବରେ ଆଲୋଚନା ହୋଇଥିଲା। ସେତେବେଳେ ମଧ୍ୟ ଉଭୟ କମିଟି ପକ୍ଷରୁ ମତାମତ ରଖିବା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିବାରୁ ପରବର୍ତ୍ତୀ ସମୟରେ ଦୁଇ କମିଟି ପକ୍ଷରୁ ନିଜ ନିଜ ମଧ୍ୟରେ ଏକ ଆଲୋଚନା ପରେ ଆଗକୁ ପ୍ରଶାସନ ସହିତ ପୁନଃ ବୈଠକ କରି ଏକ ନୂତନ କମିଟି ଗଠନ କରାଯିବା ନେଇ ଆଲୋଚନା ହୋଇଥିବା। ତେବେ ମଙ୍ଗଳବାର ଦିତୀୟ ଥର ପାଇଁ ପ୍ରଶାସନ ଉଭୟ କମିଟି କୁ ନେଇ କୋକସରା ବ୍ଲକ ସଭାଗୃହଠାରେ ଆ ଲୋ ଚ ନା । କରାଯାଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଏଡିଏମ୍ ତନ୍ମୟ ଦରୱାନ ବୈଠକର ଅଧ୍ୟକ୍ଷତା କରିଥିଲେ। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଆମପାଣି ଥାନା ଏସ୍‌ଆଇ ଇଶ୍ୱର ଚନ୍ଦ୍ର ଶିର୍କା, ବନ ବିଭାଗ ପକ୍ଷରୁ ଆମପାଣି ଫରେଷ୍ଟ ରାଜେନ୍ଦ୍ର ନାଏକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଏଡିଏମ୍ ଶ୍ରୀଦରୱାନ ଉଭୟ କମିଟି ସଦସ୍ୟଙ୍କ ମତାମତ ଲୋଡିବା ସହ ଆଲୋଚନା ଆରମ୍ଭ କରିଥିଲେ। କୌଣସି ଦଳ ଏକ ଚାକିଆ କରି ପାରିବେ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିବା ଏଡିଏମ୍ କହିଥିଲେ। ପୂର୍ବରୁ ପରିଚାଳନା କରୁଥିବା ଡୋକରୀ ଚଞ୍ଚରା ଉନ୍ନୟନ ସମିତି ସମସ୍ତେ ମିଳିମିଶି ପରିଚାଳନା କରିବା ପାଇଁ ସହମତି ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ପରିଚାଳନା କରୁଥିବା କମିଟି ଏହି କଥାରେ ସହମତି ପ୍ରକାଶ କରି ନଥିଲେ ଏବଂ ମିଳିତଭାବରେ କାମ କରିବା ପାଇଁ ନାରାଜ ହୋଇଥିଲେ। ପରେ ପ୍ରଶାସନ ସେମାନଙ୍କ ଠାରୁ ଲିଖିତ ପତ୍ର ନେଇଥିଲେ। ଉଭୟ କମିଟି ନିଜ ନିଜ ଜିଦରେ ଅଟଳ ରହିଥିବାବେଳେ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାରୁ ଆଗାମୀ ଦିନରେ ହେବାକୁ ଥିବା ରାମ ନବମୀ ପୂଜାକାର୍ଯ୍ୟ ପ୍ରଶାସନ ତୁଲାଇବ ବୋଲି ଏଡିଏମ୍ ଶ୍ରୀଦରୱାନ କହିଥିଲେ। ବୈଠକରେ ଉଭୟ କମିଟିର କର୍ମକର୍ତ୍ତା ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ଦୁଇ କମିଟର ବାଦ ବିବାଦ ଯୋଗୁଁ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀ ଅପମାନ ମୁଣ୍ଡାଇବାରେ ଲାଗିଛି। ତେଣୁ ଏହାର ପରିଚାଳନା ଲାଗି ବ୍ଲକସ୍ତରୀୟ କମିଟି କିମ୍ବା ଟ୍ରଷ୍ଟ ବୋର୍ଡ ଗଠନ କରିବା ପାଇଁ କୋକସରା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

# ପୂର୍ତ୍ତ ରାସ୍ତା ନିର୍ମାଣରେ ଅନିୟମିତତା

ଲାଞ୍ଜିଗଡ଼, ୧୭ ।୩(ସମିସ): କଳାହାଣ୍ଡି ଜିଲ୍ଲା ଛତିକୁଡ଼ାରୁ ନର୍ଲା ଓ କଦଳିଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ଅଭିଯୋଗ ହେଉଛି। କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତାରେ ବ୍ୟାପକଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ବିଭାଗ ନୀରବଦ୍ରଷ୍ଟା ସାଜିବା ଚର୍ଚ୍ଚାର ବିଷୟ। ସୂଚନା ଅନୁଯାୟୀ, କ ଳା ହା ଣ୍ଡି ରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ଓ ଛତିକୁଡ଼ାରୁ ମ. ରାମପୁରକୁ ସଂଯୋଗ କରୁଥିବା ୬(କ) ରାଜ୍ୟ ରାଜପଥରେ ଏବେ ନୂତନ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ କିଛି ଯାଗାରେ ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ପିଚୁ କାମ ହୋଇନଥିବା ବେଳେ ଧୂଳିଧୂଆଁର ଲୋକେ ଅତିଷ୍ଠ ହେଉଛନ୍ତି। କେବଳ ସେତିକି ନୁହେଁ ଯେଉଁ ସ୍ଥାନରେ ପିଚୁ ହୋଇନାହିଁ ସେହି ସ୍ଥାନରେ ଗାତ ସୃଷ୍ଟି ହୋଇ ପଥଚାରୀ ଦୁର୍ଘଟଣାର ଶୀକାର ହେଉଥିବା ଦେଖିବାକୁ ମିଳିଛି। ତେବେ ନିମ୍ନମାନର ରାସ୍ତା, ପୋଲ ଓ ଗାର୍ଡୱାଲ କାମ ସହିତ ଅତି ହାଲୁକା ଡିଭାଇଡ଼ର ନିର୍ମାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏପରିକି ନିର୍ମାଣ ନସରୁଣୁ ଡିଭାଇଡ଼ର ସବୁ ଭାଙ୍ଗି ପଡୁଥିବା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଛତିକୁଡ଼ା-ନର୍ଲା ଓ କଦଳୀଘାଟି-କିଡିଙ୍ଗରେ ଚାଲିଥିବା ରାସ୍ତା, ପୋଲ, ଗାର୍ଡୱାଲ ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।



# ‘ଆନାପାନ’ ଧ୍ୟାନ ଓ ମାନସିକ ଏକାଗ୍ରତା ଶିବିର

ନୂଆପଡ଼ା, ୧୭ ।୩(ସମିସ): ନୂଆପଡ଼ା ଇନଡୋର ଷ୍ଟାଡିୟମରେ ନୂଆପଡ଼ା ପୁଲିସ ପକ୍ଷରୁ ‘ଆନାପାନ’ ଆଧାରିତ ଧ୍ୟାନ ଓ ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଏସଡିପିଓ ଖିରେଶ୍ୱର ସାହୁ, ମର୍ଶିରାଣୀ ପୂର୍ତ୍ତି, ସ୍ୱାଧୀନ ମିଶ୍ର, ଉପେନ୍ଦ୍ର ପ୍ରଧାନ, ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେର, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଜିଲ୍ଲା ଆରକ୍ଷୀ ବାହିନୀର ଶତାଧିକ ଯବାନ, ବିଭିନ୍ନ ବିଭାଗର ଅଧିକାରୀ ଓ ନାଗରିକମାନେ ଯୋଗ ଦେଇଥିଲେ। ଯୋଗଗୁରୁ ଭାନୁଜୀ ମେହେଟା (ରାଜକୋଟ) ଏବଂ ଧମ୍ମ ଉତ୍କଳ ବିପଶ୍ୟନା କେନ୍ଦ୍ର ଚନାବେଡ଼ାର ନିର୍ଦ୍ଦେଶିକା ରାଜେଶ୍ୱରୀଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କୁ ବିପଶ୍ୟନା ଧ୍ୟାନ ସାଧନାର ଅଭ୍ୟାସ କରାଯାଇଥିଲା। ଗୁରୁଜୀମାନେ ମତ ପ୍ରକାଶ କରିଥିଲେ ଯେ, ମାନସିକ ଏକାଗ୍ରତା ଜୀବନକୁ ସନ୍ତୁଳିତ ଓ ସୁସଂଗଠିତ କରିବାରେ ସହାୟକ ହୁଏ। ଏହା ଦ୍ୱାରା କ୍ରୋଧ, ଲୋଭ, ଭୟ, ଚିନ୍ତା ଓ ମାନସିକ ଚାପରୁ ମୁକ୍ତି ମିଳିଥାଏ ଓ ମନର ଶାନ୍ତି ବଜାୟ ରହେ। ବିପଶ୍ୟନା ଧ୍ୟାନକୁ ଭାରତର ଏକ ପ୍ରାଚୀନ ଏବଂ ବୈଜ୍ଞାନିକ ସାଧନା ପଦ୍ଧତି ବୋଲି ବର୍ଣ୍ଣନା କରାଯାଇଥିଲା। ଏହା ଆତ୍ମନିରୀକ୍ଷଣ ଦ୍ୱାରା ଆତ୍ମଶୁଦ୍ଧି ସାଧନ କରି ଜୀବନକୁ ସରଳ, ସଂଯମିତ ଓ ସୁଖମୟ କରିଥାଏ। ଏହି ଅବସରରେ ବିପଶ୍ୟନା ଧ୍ୟାନ ଶିକ୍ଷା ପାଇଁ ନିୟମିତ ଭାବରେ୧୦ ଦିନିଆ ନିଃଶୁଳ୍କ ଆବାସିକ ଶିବିର ସ୍ଥାନୀୟ ଚନାବେଡା ଆଶ୍ରମରେ ଆୟୋଜିତ ହେଉଥିବା ନିର୍ଦ୍ଦେଶିକା କହିଥିଲେ। ଆରକ୍ଷୀ ଅଧିକ୍ଷକ କହିଲେ ଯେ ଶ୍ୱାସକ୍ରିୟାର ସଠିକ୍ ନିୟନ୍ତ୍ରଣ ଦ୍ୱାରା ଜୀବନରେ ଅଭୂତପୂର୍ବ ସଫଳତା ଓ ଶାନ୍ତି ମିଳିପାରେ। ଆରକ୍ଷୀ ବାହିନୀ ସବୁବେଳେ ଶାରୀରିକ ଓ ମାନସିକ ଚାପଗ୍ରସ୍ତ ରହୁଥିବାରୁ ଯୋଗ, ଧ୍ୟାନ ଓ ଉପାସନା ସେମାନଙ୍କ ଜୀବନଚର୍ଯ୍ୟାରେ ନିୟମିତ ସାମିଲ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।



# ‘ସୁଭଦ୍ରା’ ଶକ୍ତି ମେଳା ଉଦ୍‌ଯାପିତ

ନୂଆପଡ଼ା, ୧୭ ।୩(ସମିସ): ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ‘ସୁଭଦ୍ରା ଶକ୍ତି ମେଳା୨୦୨୬’ର ସପ୍ତମ ତଥା ଉଦ୍‌ଯାପନୀ ଉତ୍ସାହ ନ୍ୟାସନାଲ କଲେଜ ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ଚାଲିଥିବା ମେଳାରେ ଜିଲ୍ଲା ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୨୦ଟି ଷ୍ଟଲ ପଡ଼ି ଥିଲା। ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜସ୍ୱ ଉତ୍ପାଦିତ ହସ୍ତଶିଳ୍ପ, ଖାଦ୍ୟପଦାର୍ଥ ଓ ଗ୍ରାମୀଣ ଉତ୍ପାଦନଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରି ଭଲ ରୋଜଗାର କରିଥିଲେ। ଜନସାଧାରଣଙ୍କ ବିପୁଳ ଭିଡ଼ ଓ ସହଭାଗିତା ମେଳାକୁ ସଫଳ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ଓ ପୁଷ୍ପାଞ୍ଜଳୀ ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସଭାରେ ବିଭିନ୍ନ ଶ୍ରେଣୀରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭାଗ ଓ ଷ୍ଟଲମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଲାଇନ ଡିପାର୍ଟମେଣ୍ଟରେ ନୂଆପଡ଼ା ଆର୍‌ଟିଓ ବିଭାଗ ପ୍ରଥମ, ଜିଲ୍ଲା ସମାଜ ସୁରକ୍ଷା ବିଭାଗ ଦ୍ୱିତୀୟ ଓ ଜିଲ୍ଲା ଶିକ୍ଷା ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ରାଉରକେଲାର ଓଡ଼ିଶୀ ଦଳ, ମା ମାଉଳି ଘୁମୁରାଦଳ କୁଶମାଳ, ୟୁଜିଏଚଏସ ଧୋବେଇ, ସରକାରୀ ଉଚ୍ଚ ବିଦ୍ୟାଳୟ ଆମନାରାର ଛାତ୍ରୀମାନେ ଏବଂ ସ୍ୱର ସିଙ୍ଗାର ଟାନ୍ ୱାଟର କଳାକାରମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଷ୍ଟାର ନାଇଟରେ ବିଶିଷ୍ଟ ସମ୍ବଲପୁରୀ ଗାୟକ ରକୁ ସୁନା ଏବଂ ସାଥୀ ଦର୍ଶକମାନଙ୍କୁ ମେଲୋଡିରେ ବିମୋହିତ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ମେଳାର ସଫଳ ଆୟୋଜନ ପାଇଁ ସମସ୍ତ ଜିଲ୍ଲାବାସୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମେଳା ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ଆ। ନିର୍ଭରତା ଓ ଉଦ୍ୟମିତାକୁ ଆହୁରି ପ୍ରୋତ୍ସାହନ ଯୋଗାଇବା ସହିତ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି କହିଛନ୍ତି।



# ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି

କୋମନା, ୧୭ ।୩(ସମିସ): କରୁଙ୍ଗାଭଟାର ନାୟକପଡ଼ା ଏବଂ କଲୋନୀପଡ଼ା ମଧ୍ୟବର୍ତ୍ତୀ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବା ଆଲୁଅର ବ୍ୟବସ୍ଥା ନଥିବାରୁ ସ୍ଥାନୀୟବାସିନ୍ଦା, ବିଶେଷ କରି ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ରାସ୍ତାରେ ଯିବା ଆସିବା ପାଇଁ ପିଲାମାନେ ବାଧ୍ୟ ହେଉଛନ୍ତି। ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ, ଏହି ମୁଖ୍ୟ ରାସ୍ତାରେ ଆଲୋକର କୌଣସି ସୁବିଧା ନାହିଁ। ସନ୍ଧ୍ୟା ହେବା ମାତ୍ରେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାର ହୋଇଯାଉଛି। ଏହି ରାସ୍ତା ଦେଇ ଗାଁର ଛୋଟଛୋଟ ପିଲାମାନେ ଟ୍ୟୁସନ୍ ଏବଂ ସ୍କୁଲ୍ ଯିବା ଆସିବା କରନ୍ତି। ଅନ୍ଧାର ଯୋଗୁଁ ପିଲାମାନେ ଭୟଭୀତ ହେବା ସହ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ରାସ୍ତାରେ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଉ ବୋଲି ଗ୍ରାମବାସୀ ପ୍ରଶାସନ ଏବଂ ସରକାରଙ୍କୁ ଅନୁରୋଧ କରିଛନ୍ତ। ଷ୍ଟ୍ରିଟ୍ ଲାଇଟ୍ ଲାଗିଲେ ପିଲାମାନେ ସୁବିଧାରେ ଟ୍ୟୁସନ୍ ଏବଂ ସ୍କୁଲ୍ ଯାଇପାରିବେ। ରାତି ସମୟରେ ଚୋରି କିମ୍ବା ଅନ୍ୟାନ୍ୟ ଅଘଟଣ ଉପରେ ରୋକ୍ ଲାଗିପାରିବ। ଗାଁର ସୁରକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ।



# ଜନଗଣନା ପର୍ଯ୍ୟବେକ୍ଷକଙ୍କ ତାଲିମ ଶିଶିର

ଥୁଆମୂଳରାମପୁର, ୧୭ ।୩(ସମିସ): ଆସନ୍ତା ଜନଗଣନା ୨୦୨୭କୁ ସୁଚାରୁ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ ପ୍ରଥମ ପର୍ଯ୍ୟାୟ ପାଇଁ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣରେ ଜନଗଣନା ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା, ତଥ୍ୟ ସଂଗ୍ରହ ପଦ୍ଧତି ଓ ଡିଜିଟାଲ ମାଧ୍ୟମର ବ୍ୟବହାର ବିଷୟରେ ବିସ୍ତୃତ ଅବଗତ କରାଯାଉଛି। ମଙ୍ଗଳବାର ଥୁଆମୂଳରାମପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ପର୍ଯ୍ୟାୟ କ୍ରମରେ ହେବାକୁ ଥିବା ତାଲିମ ଶିବିରର ଶୁଭାରମ୍ଭ ହୋଇଛି। ୧୭ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ତାଲିମ ଶିବିରରେ ବ୍ଲକର ୩୭୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେବେ। ସ୍ଥାନୀୟ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀ ତାଲିମ ଶିବିରର ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ତହସିଲଦାର ସନାତନ ମହାରଣା, ସେକ୍ ସନ୍ ଅଫସର ବିନୋଦ ନାଏକ, ବରିଷ୍ଠ ରାଜସ୍ୱ ସହାୟକ ଆଶିଷ କୁମାର ପଣ୍ଡା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ତାଲିମ ଶିବିରର ପ୍ରଥମ ପର୍ଯ୍ୟାୟରେ ୮୦ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥୁଆମୂଳରାମପୁରର ଅଧ୍ୟାପକ ସରୋଜ କୁମାର ପାଧଯୋଷୀ, ବଭୃବାହାନ ବୁଦ୍ଧିଆ, ଶେଖ୍ ଅଖତର୍ ଏବଂ ପ୍ରଶାନ୍ତ କୁମାର ମୁଣ୍ଡଛିନା ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିବେ। ପ୍ରଶିକ୍ଷଣ ଶିବିରରେ ଅଧିକାରୀମାନେ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ଘରେ ଘରେ ଯାଇ ସଠିକ ତଥ୍ୟ ସଂଗ୍ରହ କରିବା ପାଇଁ ନିୟମାବଳୀ, ପ୍ରଶ୍ନାବଳୀ ପୂରଣ ପ୍ରଣାଳୀ ଏବଂ ସମୟସୀମା ମଧ୍ୟରେ କାମ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ତଥ୍ୟର ସଠିକତା ଓ ଗୋପନୀୟତା ରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଘର ତାଲିକାକରଣ ଓ ଗୃହ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ହେବାକୁ ଥିବା ବେଳେ, ପରବର୍ତ୍ତୀ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ ସମ୍ପନ୍ନ କରାଯିବ। ସରକାରଙ୍କ ଏହି ପ୍ରୟାସ ଜନସଂଖ୍ୟା ସମ୍ବନ୍ଧୀୟ ସଠିକ ତଥ୍ୟ ଉପଲବ୍ଧ କରାଇବା ସହିତ ଭବିଷ୍ୟତ ଯୋଜନା ତିଆରିରେ ମୁଖ୍ୟ ଭୂମିକା ନିଭାଇବ ବୋଲି ଆଶା କରା ଯାଉଛି।



## ● ଜୟପାଟଣାରେ କାଳବୈଶାଖୀର ତାଣ୍ଡବ

# କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି

ଜୟପାଟଣା, ୧୭ ।୩(ସମିସ): ଜୟପାଟଣା ବ୍ଲକ ମୁଖୀଗୁଡା ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଥିଲା। ଚଳିତ ବର୍ଷର ଏହି ପ୍ରଥମ ବର୍ଷା ଲୋକଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ହେଁ, ବର୍ଷା ସାଙ୍ଗକୁ ପ୍ରବଳ ପବନ ଏବଂ କୁଆପଥର ମାଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଅପରାହ୍ନରେ ହଠାତ୍ ପାଗ ପରିବର୍ତ୍ତନ ହୋଇ ଆକାଶ ମେଘାଚ୍ଛନ୍ନ ହେବା ସହ ଝଡ଼ତୋଫାନ ଆରମ୍ଭ ହୋଇଥିଲା। ବର୍ଷାର ବେଗ ସହ ବଡ଼ ବଡ଼ କୁଆପଥର ମାଡ଼ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନେକ ସ୍ଥାନରେ ଘରର ଚାଳ ଉଡ଼ିଯିବା ସହ ଗଛଡାଳ ଭାଙ୍ଗି ପଡ଼ିଥିବା ସୂଚନା ମିଳିଛି। କୁଆପଥର ମାଡ଼ ଯୋଗୁଁ ବିଶେଷ କରି ରବି ଚାଷ ଏବଂ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି। କ୍ଷେତରେ ଥିବା ଫସଲ ନଷ୍ଟ ହେବା ଭୟରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ସରକାରୀସ୍ତରରେ ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇନାହିଁ। ତେବେ ତୁରନ୍ତ ସର୍ଭେ କରାଯାଇ କ୍ଷତିଗ୍ରସ୍ତ ଚାଷୀ ଓ ଗରିବ ପରିବାରଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼, ୧୭ ।୩(ସମିସ): ପ୍ରାଚୀନ ଧର୍ମଧାରାର ପ୍ରତୀକ ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତସ୍ଥିତ ଥୁଆଙ୍ଗପଦର ପାଟଖଣ୍ଡା ବୁଢ଼ାରଜାଙ୍କ ପୀଠଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି, ମୁଗ, କୋଲତ, ମକା, ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା। ପରେ ୭ଟି ନୂଆଁ ଚାଙ୍ଗଡ଼ିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ତାଦିଶୋରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକମାନେ ବେଲ କଣ୍ଟାରେ ଝାମେର ଦୋଲି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଉହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ମାନସିକ ଅନୁଯାୟୀ ଛେଳି, କୁକୁଡ଼ା ଓ ପାରା ବଳି ଦେଇଥିଲେ। ପାଟଖଣ୍ଡା ବୁଢ଼ାରଜା ମୁଖ୍ୟପୂଜକ ବାନ ମାଝୀ, ଉଆଁସୁ ହରିଜନ ବାହୁକ ବିଟୁ ମାଝୀ, ବୁଡାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ, ବିସ୍ମ ମାଝୀ, ଭଦ୍ର ମାଝୀ, ଶଶୀ ମାଝୀ, ଶିବ ମାଝୀ, ଲାଇ ମାଝୀ, ବିଗ୍ନ ମାଝୀ, ଛବି ମାଝୀ, ଟିକେ ଲାଲ ମାଝୀ, ବିଷ୍ଣବ ମାଝୀଙ୍କ ସମେତ ଗ୍ରାମବାସି ସହଯୋଗ କରିଥିଲେ।



## ଜୀବିତ ଡମ୍ବୁ ଶବରଙ୍କୁ ମୃତ ଘୋଷଣା ମାମଲା

# ଜିଲ୍ଲାପାଳଙ୍କୁ ସ୍ପଷ୍ଟୀକରଣ ମାଗିଲେ ଜାତୀୟ ମାନବାଧିକାର କମିଶନ

ଭବାନୀପାଟଣା, ୧୭ ।୩(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା କନାବିରାଗ୍ରାମର ଆଦିବାସୀ ଡ଼ମ୍ବୁ ଶବରଙ୍କୁ ମୃତ ଘୋଷଣା କରି ତାଙ୍କର ସମସ୍ତ ସରକାରୀ ସୁବିଧା ସୁଯୋଗକୁ ବ୍ଲକ ପ୍ରଶାସନ ବନ୍ଦ କରିବା ମାମଲାରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି ଜାତୀୟ ମାନବ ଅଧିକାର କମିଶନ। ଗତ ୨୦୨୩ ମସିହାରେ ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଜୀବିତ ବ୍ୟକ୍ତିଙ୍କୁ ମୃତ ଘୋଷଣା ଫଳରେ ତାଙ୍କର ସାମ୍ବିଧାନିକ ମୌଳିକ ଅଧିକାର ଓ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ଦାଖଲ ହୋଇଥିବା ଅଭିଯୋଗକୁ କେଶ ସଂଖ୍ୟା ୨୬୭୨/୧୮.୬.୨୦୨୩ ଭାବରେ ପଞ୍ଜୀକରଣ କରି କମିଶନ ଶୁଣାଣି ଜାରି ରଖିଛନ୍ତି। ପୂର୍ବରୁ କମିଶନଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଓ ଜିଲ୍ଲା ପ୍ରଶାସନ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ବହୁ ଅସଙ୍ଗତି ଥିବା ଦର୍ଶାଇ ଅଭିଯୋଗକାରୀ ଶ୍ରୀ ଦାସ କମିଶନଙ୍କ ନିକଟରେ ନିଜର ମତାମତ ଦାଖଲ କରିଥିଲେ। ରିପୋର୍ଟରେ ଡ଼ମ୍ବୁ ଶବରଙ୍କ ପରିବାର ବାହାର ରାଜ୍ୟ ରେ ଦାଦନ ଖଟୁଥିଲେ ମଧ୍ୟ ନିୟମିତ ରାସନ ଚାଉଳ ଉଠାଉ ଥିବା ଦର୍ଶା ଯାଇଥିଲା। ପଞ୍ଚାୟତର ବଣ୍ଟନ ଖାତାରେ ଡ଼ମ୍ବୁଙ୍କ ସ୍ତ୍ରୀ ଚଞ୍ଚଳା ଶବର କେବେ ସ୍ୱାକ୍ଷର କରିଛନ୍ତି ତ ପୁଣି କେବେ ଟିପ ଚିହ୍ନ ଦେଇ ଚାଉଳ ନେଇଛନ୍ତି। ସେହିପରି କେବେ କେବେ ଚାଉଳ ତାଙ୍କ ପୁଅ ଉଠେଇ ଥିବା ଦର୍ଶାଉ ଥିବା ବେଳେ ଆଉ କେଉଁ କେଉଁ ମାସରେ ଅନ୍ୟଜଣେ ବ୍ୟକ୍ତି ଚାଉଳ ନେଇଛି। ଅନ୍ୟପକ୍ଷରେ ପ୍ରଶାସନର ରିପୋର୍ଟ ଅନୁଯାଇ ଡ଼ମ୍ବୁ ଶବରଙ୍କ ପରିବାରରେ ୫ଜଣ ସଦସ୍ୟ ଥିବା ଦର୍ଶାଉଛନ୍ତି କିନ୍ତୁ କେବଳ ୪ ଜଣଙ୍କ ପାଇଁ ଚାଉଳ ଦିଅ ଯାଉଥିବା ପ୍ରମାଣ ମିଳୁଛି ଯାହାକି ଖାଦ୍ୟ ନିରାପତ୍ତା ଆଇନର ଖୋଲାଖୋଲି ଉଲ୍ଲଂଘନ। ଏହି ସମସ୍ତ ବିଷୟ ଉଲ୍ଲେଖ କରି ଅଭିଯୋଗକାରୀ ଶ୍ରୀ ଦାସ ଦେଇଥିବା ରିପୋର୍ଟକୁ ଆଧାର କରି ଗତ ୧୬ ମାର୍ଚ୍ଚ ୨୦୨୬ ରେ କମିଶନ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନୋଟିସ ଜାରି କରି ଆସନ୍ତା ୨୩ଏପ୍ରିଲ ୨୦୨୬ ମଧ୍ୟ ରେ ସଠିକ ଏବଂ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

